# Akashvani, Sambalpur

## SAMBALPURI NEWS BULLETIN

### 20 August 2024- 6.47- 6.52 am.

*********************************************

ବିଧାନ୍‌ସଭା ଅଧିବେଶନ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ତଃ ୧୭ ନମ୍ବର୍ ବିଧାନ୍‌ସଭାର ପହେଲା ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍‌ନୁ ମୁଲ୍ ହେଉଛେ । ଇଟା ସେପ୍ଟେମ୍ବର୍ ୧୩ ତାରିଖ୍‌ତକ୍ ଚାଲ୍‌ବା । ଆଏଜ୍ ବିଭାଗୀୟ ସ୍ଥାୟୀ କମିଟି ମାନ୍‌କର୍ ରିପୋର୍ଟ ଉପସ୍ଥାପନ୍ ହେବା । ଆଏବାକାଏଲ୍ ନୁ ସେପ୍ଟେମ୍ବର୍ ୯ ତାରିଖ୍‌ତକ୍ ଭିନ୍ ଭିନ୍ ବିଭାଗ୍‌ନୁ ମିଲିଥିବା ଅନୁଦାନ୍ ଲାଗି ଖର୍ଚ୍ଚଦାବି ଆଲୋଚନା ହେବା । ସେପ୍ଟେମ୍ବର୍ ୧୦ ତାରିଖ୍‌ତକ୍ ୨୦୨୪-୨୫ ମସିହା ଲାଗି ବଜେଟ୍ ଉପ୍‌ରେ ବିନିଯୋଗ୍ ବିଲ୍ ଆଏବା । ସେପ୍ଟେମ୍ବର୍ ୧୨ ଆଉ ୧୩ ତାରିଖ୍ ଦିନ ବେସର୍‌କାରୀ ସଭ୍ୟଙ୍କର୍ କାର୍ଯ୍ୟଦିବସ୍ ରହିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାମାସ ୨୨ ନୁ ୩୧ ତାରିଖ୍‌ତକ୍ ପହେଲା ଖେପ୍ ଅଧିବେଶନ୍ ବସିଥିଲା । ଇଥି ଅର୍ଥବିଭାଗ୍ ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରିଥିଲେ ।

ରେଲ୍ପ୍ରକଳ୍ପ- ଆର୍ଥିକ୍ ଅନୁମୋଦନ୍ ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶାର୍ ୩ ଟା ନୂଆଁ ରେଲ୍ଲାଇନ୍ ଲାଗି ରେଲ୍ ମନ୍ତ୍ରଣାଳୟ ଆର୍ଥିକ୍ ଅନୁମୋଦନ୍ ଦେଇଛେ । ଇଥିର୍ଭିତ୍ରେ ଭଦ୍ରାଚଲମ୍ ଦେଇକରି ମାଲ୍କାନ୍ଗିରି-ପଣ୍ଡୁରଙ୍ଗପୁରମ୍କେ ଯାଉଥିବା ନୂଆଁ ରେଲ୍ଲାଇନ୍କେ ସବୁନୁ ଅଏତ୍କା ୩ ହଜାର୍ ୫ ଶହ ୯୨ କୋଟିର ଆର୍ଥିକ୍ ଅନୁମୋଦନ୍ ମିଳିଛେ । ସେନ୍ତା ଜୁନାଗଡ୍-ନବରଙ୍ଗ୍ପୁର୍ ରେଲ୍ଲାଇନ୍ ଲାଗି ୨ ହଜାର୍ ୮ ଶହ ୬୪ କୋଟି ୫୧ ଲାଖ୍ ଟଙ୍କା ମିଳିଛେ । ଇତାର୍ଛଡ଼ା ଗୁଣୁପୁର୍- ଥେରୁବାଲିର ରେଲ୍ଲାଇନ୍ ବାବଦ୍ଥି ୧୧ ଶହ ୬୫ କୋଟି ୮୩ ଲାଖ୍ ଟଙ୍କାର୍ ଅନୁଦାନ୍ ମିଳିଛେ ।

ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା ଆର୍ଏନ୍ୟୁ /ସମ୍ବଲପୁର

ଗରିବ୍ ମାନ୍କୁ ଘର୍ ଲାଗି ମିଲୁଥିବା ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା - ଗ୍ରାମୀଣ ସାହାଜ୍ ଟଙ୍କା ବଢ଼୍ବା । ଆଘୋନୁ ଇ

ଯୋଜ୍ନାଥି ଘର୍ ତିଆରି ଲାଗି ଲାଖେ ୪୧ ହଜାର୍ ଟଙ୍କା ମିଲୁଥିବାର୍ ବେଲେ ଏତ୍କର ତାକେ ବଢ଼େଇକରି ୨ ଲାଖ୍ ଟଙ୍କା ଦିଆଯିବା । ଇ ବାବ୍ଦେ ଗାଇଡ୍‌ଲାଇନ୍ ପ୍ରସ୍ତୁତି ଚାଲିଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଶ୍ରୀ ନାଏକ୍ କହିଛନ୍ ଯେ, ପକ୍କା ଘର୍ ନାଇଁଥିବାର୍ ଲୋକ୍‌ମାନ୍‌କୁ ଘର୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍ନା କାର୍ଯ୍ୟକାରୀ ହେଉଛେ ।

ଏମ୍‌ପକ୍ସ- କେନ୍ଦ୍ର ସର୍କାର୍ ମାର୍ଗଦର୍ଶିକା ଆର୍‌ଏନ୍‌ୟୁ /ସମ୍ବଲପୁର

ଆଫ୍ରିକୀୟ ଦେଶ୍‌ମାନ୍‌କେ ଚାପିଥିବା ଭୂତାଣୁ ଜନିତ ରୋଗ୍ ଏମ୍‌ପକ୍ସ ନଜର୍‌ଥି ରଖିକରି ଦେଶେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ଆଗୁଆ ସତର୍କତା ଲାଗି ଗୁଟେ ମାର୍ଗଦର୍ଶିକା ଜାରି କରାଯାଇଛେ । ବିଦେଶ୍‌ନୁ ଆସୁଥିବା ଯାତ୍ରୀମାନ୍‌କର୍ ଉପ୍‌ରେ କଡ଼ା ନଜର୍ ରଖିବାର୍ ଲାଗି ବିମାନ୍ ବନ୍ଦର୍‌ମାନ୍‌କେ କୁହାଯାଇଛେ । ସେନ୍ତା ହାସ୍‌ପାତାଲ୍ ମାନ୍‌କୁ ଏମାର୍‌ଜେନ୍ସି ୱାର୍ଡ଼ ବ୍ୟବସ୍ଥା କର୍‌ବାର୍‌କେ କୁହାଯାଇଛେ । ଖାସ୍ କରି ଏମ୍‌ପକ୍ସ

ଲକ୍ଷଣ ଥିବା ଯାତ୍ରୀମାନ୍‌କୁ ଅଏତ୍‌କା ସତର୍କ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଛାତ୍ରସଂସଦ୍ ନିର୍ବାଚନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଛାତ୍ରସଂସଦ୍ ନିର୍ବାଚନ୍ ଆଏବା ବଛର୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଯାଜ୍‌ପୁର୍ ଜିଲ୍ଲାର୍ ବଡ଼ଚଣା ନ ଗଣମାଧ୍ୟମ୍‌କେ କହିଛନ୍ ଯେ, ଛାତ୍ରସଂସଦ୍ ନିର୍ବାଚନ୍ ସେପ୍ଟେମ୍ବର୍ ମାସେ ହେସି । ହେଲେ ଛାତ୍ରସଂସଦ୍ ନିର୍ବାଚନ୍ ପ୍ରସ୍ତୁତି ଲାଗି ଯଥେଷ୍ଟ ସମିଆ ନାଇଁଥିବାର୍‌ନୁ ଇ ବଛର୍ ନିର୍ବାଚନ୍ ନାଇଁ ହୁଏ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୨୦୧୮ ମସିହାନୁ ଛାତ୍ରସଂସଦ୍ ନିର୍ବାଚନ୍ ନାଇଁ ହେବାର୍ ।

ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ

ଆର୍‌ଏନ୍‌ୟୁ / ସମ୍ବଲପୁର

ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ

ସଶକ୍ତିକରଣ୍ ବିଭାଗ୍ର ଭିନ୍ ଭିନ୍ ଅନୁଷ୍ଠାନ୍ ପରିଦର୍ଶନ୍ କରିଛନ୍ । ଇ ଅବ୍ସରେ ସେ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍- ଏସ୍ଆଇଏସ୍ଇଆର୍ ପରିଦର୍ଶନ୍ କର୍ବାର୍ ସହେତେ ଅନୁଷ୍ଠାନ୍ର ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ସମିଆଥି ଛାତ୍ରଛାତ୍ରୀମାନେ ମନ୍ତ୍ରୀଙ୍କୁ ସେମାନ୍କର୍ ଅସୁବିଧା ବିଷେ ଜନେଇଥିଲେ । ବିଭାଗ୍ର ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିକରି ଅନୁଷ୍ଠାନ୍ର ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ଇତାର୍ ଆଘୋନୁ ମନ୍ତ୍ରୀ ଶ୍ରୀ ଗଣ୍ଡ ମନୋଦାୟ ଭବନ୍ ଯାଇକରି ଛୋଟ୍ ଛୋଟ୍ ଛୁଆମାନ୍କୁ ରାକ୍ଷିପୁନିର୍ ଶୁଭେଚ୍ଛା ଜନେଇଥିଲେ ।

ମାଲ୍ବାହୀ ଟ୍ରେନ୍ ପରୀକ୍ଷଣ୍ ପ୍ରକଳ୍ପ          ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲପୁରର୍ ସର୍ଲା ଠାନେ ପୂର୍ବତଟ ରେଲ୍ବାଇ ତର୍ଫୁ ମାଲ୍ବାହୀ ଟ୍ରେନ୍ ପରୀକ୍ଷଣ୍ ଆଉ ରୁଟିଙ୍ଗ୍ ମରାମତି ସୁବିଧା ପ୍ରକଳ୍ପ କାର୍ଯ୍ୟକ୍ଷମ୍ ହେଇଛେ । ରାଇଟ୍ସ୍ ଲିମିଟେଡ୍ ତର୍ଫୁ କାର୍ଯ୍ୟକାରୀ ହେଇଥିବା ଆର୍ ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ ଗତିଶକ୍ତି ୟୁନିଟ୍ ଜିଏସ୍ୟୁ ସହଯୋଗ୍ଥି ପାଖାପାଖି ୨ ଶହ କୋଟି ଟଙ୍କା

ଖର୍ଚ୍ଚାଥି ତିଆରି ଇ ପ୍ରକଳ୍ପ ଗଲା ଜୁନ୍ ମାସେ ପୁରା କରାଯାଇଛେ ବଲି ରେଲ୍‌ବାଇ ତର୍‌ଫୁ କୁହାଯାଇଛେ । ଇଟା ଝାରସୁଗୁଡ଼ା ଆର୍ ତାର୍ ସାଇଡିଂ ସହେତେ ମାଲ୍‌ପରିବହନ୍ କାମ୍‌ର କ୍ଷମତା ବଢ଼ାବା । ଇତାର୍‌ଛଡ଼ା ରାଜ୍ୟର୍ ବିସ୍ଥାରିତ୍ ଶିଳ୍ପ ସଂସ୍ଥା ମାନ୍‌କର୍ ଚାହିଦା ପୁରା କର୍‌ବା ଆର୍ ଦକ୍ଷ ମାଲ୍ ପରିବହନ୍ କାମ୍ ସୁନିର୍ଶ୍ଚିତ୍ କର୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ମାଲ୍‌ବାହୀ ଟ୍ରେନ୍ ପରୀକ୍ଷଣ୍ ଆର୍ ମରାମତି ଲାଗି ଦୂରିଆ ଜାଗାକେ ଯାଂଚ୍ ଲାଗି ପଠାଯାଉଥିଲା ଆଉ ପରିଚାଲନାର୍ କାର୍ଯ୍ୟଦକ୍ଷତାକେ ପ୍ରଭାବିତ୍ ହେଉଥିଲା ।

ଗଙ୍ଗାଧର୍ ମେହେର୍-ଜୟନ୍ତୀ ବର୍‌ଗଡ୍ ସମ୍ବାଦଦାତା

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜନ୍ମସ୍ଥାନ୍ ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ଗଙ୍ଗାଧର୍ କଲ୍ୟାଣ୍ ମଣ୍ଡପ୍‌ଠାନେ ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ଗଙ୍ଗାଧର୍ ମେହେର୍ କ୍ଲବ୍ ତର୍‌ଫୁ ଗଙ୍ଗାଧର୍ ମେହେର୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ୍ ଗଲାକାଏଲ୍ ପାଳିତ୍ ହେଇଯାଇଛେ । ଡକ୍ଟର୍ ଘନଶ୍ୟାମ୍ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଜୟନ୍ତୀ ସମାରୋହଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ଡାକ୍ତର୍ କୃଷ୍ଣକେଷବ

ଷଡ଼ଙ୍ଗୀ ଏକାଡେମୀର୍ ଅତିରିକ୍ତ ସମ୍ପାଦକ୍ ସଞ୍ଜୟ ଛରୁଆଲ୍ ଯୋଗ୍ ଦେଇକରି ଗଙ୍ଗାଧର୍ ମେହେର୍‌ଙ୍କର୍ ସାହିତ୍ୟ କୃତି ଉପ୍‌ରେ ଆଲୋଚନା କରିଥିଲେ ।

ସେନ୍ତା ବର୍‌ଗଡ଼୍ ଜିଲ୍ଲା ବିଜେପୁର୍ ଠାନେ ଖଗେଶ୍ୱର୍ ସାହିତ୍ୟ ସଂସଦ୍ ଆଉ ଗାଇସିଲେଟ୍ ନ ଗଙ୍ଗାଧର୍ ସାହିତ୍ୟ ସଂସଦ୍ ତର୍‌ଫୁ ମେହେର୍ ଜୟନ୍ତୀ ପାଳିତ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୫ ଦିନ୍‌ତକ୍ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଆଏଜ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍ ଆର୍ ଢେଙ୍କାନାଲ୍ ଜିଲ୍ଲାର୍ କେତେଟା ଜାଗା ନ ମଧମ୍‌ନୁ ଜବର୍ ବର୍ଷା ହେବା । ସେନ୍ତା ଆଏବା କାଏଲ୍ ସୁନ୍ଦର୍‌ଗଡ଼୍ ଆର୍ ନୂଆପଡ଼ା ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।